## ସଂକ୍ଷେପରେ

### ଡାଲୁଆଙ୍କୁ ଜାମିନ, ମଳୟ ବିଦା

**ଲାଞ୍ଚ ମାମଲା**

**ଢେଙ୍କାନାଳ ଅଫିସ, ୧।୧୧:** ଲାଞ୍ଚ ମାମଲାରେ ଛନ୍ଦି ହୋଇପଡ଼ିଥିବା ଡିଏସ୍‌ପି ଅଭିନବ ଡାଲୁଆଙ୍କ ଜାମିନ ହାଇକୋର୍ଟରୁ ମଞ୍ଜୁର ହୋଇଥିବା ତାଙ୍କ ଓକିଲ ଶିବସାୟୀ ମହାପାତ୍ର ସୂଚନା ଦେଇଛନ୍ତି। ଜାମିନ ଅର୍ଡର ପହଞ୍ଚିବା ପରେ ତଳକୋର୍ଟରେ ଏହାକୁ ଦାଖଲ କରାଯିବ ଏବଂ ନିୟମ ଅନୁଯାୟୀ ଜାମିନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଢେଙ୍କାନାଳ ସଦର ଥାନାରେ କାର୍ଯ୍ୟରତ ତଥା ଡିଏସ୍‌ପି ଭାବେ ପଦୋନ୍ନତି ପାଇଥିବା ଅଭିନବ ଏକ ଲାଞ୍ଚ ମାମଲାରେ ଗତ ଅଗଷ୍ଟ ୩୦ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେହିପରି ଖଣି ମାଫିଆଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିବା ହିନ୍ଦୋଳ ଏସ୍‌ଡିପିଓ ତଥା ଡିଏସ୍‌ପି ମଳୟ କୁମାର ନାୟକଙ୍କୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ମଳୟଙ୍କ ନାମରେ ୨ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅସାଧୁ ଉପାୟ ଅବଲମ୍ବନ ଏବଂ ଅପାରଗତା ପାଇଁ ତାଙ୍କୁ ଚାକିରିରୁ ବିଦା କରାଯାଇଛି।

### ଇନ୍ଦିପୁରରେ ଭାଗବତ ସପ୍ତାହ

**ଢେଙ୍କାନାଳ ଅଫିସ, ୧।୧୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରରେ ମଙ୍ଗଳବାର ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଛି। ପ୍ରଭୁ ମଦନମୋହନ ଓ ଶ୍ରୀରାଧାଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଗୋପାଳ ଲଉଡ଼ି, ନାମକୀର୍ତ୍ତନ ପ୍ରମୁଖ ଆକର୍ଷଣ ସାଜିଥିଲା। ଘଣାଶାଳ ସାହି ଦେଶ କୋଠଘରେ ପୂଜକଙ୍କ ବେଦମନ୍ତ୍ର ଧ୍ୱନି ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ୭ଦିନ ଭାଗବତ ପାରାୟଣ ପରେ କାର୍ତ୍ତିକ ପୂର୍ଣ୍ଣିମାରେ ଠାକୁର ମନ୍ଦିରକୁ ବାହୁଡ଼ିବେ ବୋଲି ସୂଚନା ଦିଆଯାଇଛି। ବିଭୂତି ଭୂଷଣ ନାୟକ, ଦୁର୍ଯ୍ୟୋଧନ ଜେନା, ଦାମୋଦର ନାୟକ, ବୈରାଗୀ ଚରଣ ସାହୁ, ଫକୀର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

### ସ୍ତ୍ରୀଙ୍କୁ ଟାଙ୍ଗିଆରେ ଆକ୍ରମଣ, ସ୍ୱାମୀ ଗିରଫ

**ବଙ୍ଗଣ୍ଡା,୧।୧୧(ଡି.ଏନ.ଏ.):** କିଶୋରନଗର ଥାନା ସଞ୍ଜାମୁରା ଗ୍ରାମର ଅହଲ୍ୟା ସେଠୀଙ୍କୁ ତାଙ୍କ ସ୍ୱାମୀ କୁଶ ସେଠୀ ଟାଙ୍ଗିଆରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୮୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟ ଚାଲାଣ କରିଛି। ବିନା କୌଣସି କାରଣରେ ଅହଲ୍ୟାଙ୍କୁ କୁଶ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ପାରିବାରିକ କଳହ ଉଗ୍ରରୂପ ନେବାରୁ ସୋମବାର କୁଶ ଏକ ଟାଙ୍ଗିଆରେ ଅହଲ୍ୟାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଫେରିଲା ଫୁଟ୍‌ବଲ୍ ଫିଭର

**ଢେଙ୍କାନାଳକୁ ଫେରିଛି ଫୁଟ୍‌ବଲ ଫିଭର। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ, ଆମେ ଓଡ଼ିଆ ସଙ୍ଗଠନ ଏବଂ ଜିଲା କ୍ରୀଡ଼ା ସଂସଦ ସହଯୋଗରେ ନଭେମ୍ବର ୩ରୁ ଆୟୋଜିତ ହେଉଛି 'ବାଜି ରାଉତ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ'। ସେହିପରି ରାଜ୍ୟ ସରକାର, ଜିଲା କ୍ରୀଡ଼ା ସଂସଦ ଏବଂ ପ୍ରଶାସନର ମିଳିତ ଆନୁକୂଲ୍ୟରେ ୧୬ରୁ ୨୭ ତାରିଖ ଯାଏ ଅନୁଷ୍ଠିତ ହେବ ଅନ୍ୟ ଏକ ଜାତୀୟସ୍ତରୀୟ ପ୍ରତିଯୋଗିତା। ବାହାର ରାଜ୍ୟର ଦଳ ଓ ଖେଳାଳିଙ୍କୁ ନେଇ ଦୀର୍ଘବର୍ଷ ପରେ ଏଭଳି ଟୁର୍ନାମେଣ୍ଟର ଆୟୋଜନ କରାଯାଉଥିବାବେଳେ ଏହାକୁ ନେଇ ଉତ୍ସାହିତ ହୋଇପଡ଼ିଛନ୍ତି କ୍ରୀଡ଼ାପ୍ରେମୀ ଏବଂ ସହରବାସୀ।**

ରତନ ନାୟାର
ଢେଙ୍କାନାଳ ଅଫିସ, ୧।୧୧

- ୩ରୁ ବାଜି ରାଉତ କପ୍ ପ୍ରତିଯୋଗିତା
- ୧୬ରୁ ୬ ଜାତୀୟ ଦଳକୁ ନେଇ ଟୁର୍ନାମେଣ୍ଟ

ହକି ଓ ଫୁଟ୍‌ବଲ୍‌ର ଅନୁର୍ବରଶାଳ ଢେଙ୍କାନାଳ। ଏଠାରୁ ସୃଷ୍ଟି ହୋଇଥିବା କ୍ରୀଡ଼ାବିତ୍ କେବଳ ରାଜ୍ୟସ୍ତରରେ ନୁହେଁ, ଜାତୀୟସ୍ତରରେ ଅର୍ଜିଛନ୍ତି ସୁନାମ। ତେବେ କ୍ରୀଡ଼ା ବିଭାଗର ଅବହେଳା ଏବଂ ପ୍ରୋତ୍ସାହନର ଅଭାବରୁ କିଛିବର୍ଷ ହେଲା ଏଭଳି ଲୋକପ୍ରିୟ ଖେଳରେ ଲାଗିଯାଇଥିଲା ଗ୍ରହଣ। ତେବେ ବିଳମ୍ବରେ ହେଲେ ବି ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ପଡ଼ିଛି ହକି ଉପରେ। ସେହିପରି ବିଦ୍ୟାଳୟସ୍ତରରେ ଲୁକ୍କାୟିତ ଫୁଟ୍‌ବଲ୍ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ସମାନ୍ତରାଳ ଭାବେ ଉଦ୍ୟମ ଆରମ୍ଭ ହୋଇଛି। ଏସବୁ ଭିତରେ ଢେଙ୍କାନାଳ ଷ୍ଟାଡିୟମରେ ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ଦୁଇ ଦୁଇଟି ଜାତୀୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାକୁ ନେଇ ସବୁଠି ସୃଷ୍ଟି ହୋଇଛି ବିପୁଳ ଉତ୍କଣ୍ଠା।

ଢେଙ୍କାନାଳ, ଅନୁଗୋଳ ଏବଂ ତାଳଚେରରେ ହେବାକୁ ଥିବା 'ବାଜି ରାଉତ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ'ରେ ଯୋଗଦେବେ ଓଡ଼ିଶା ସମେତ ଜାତୀୟସ୍ତରୀୟ ମୋଟ ୮ ଦଳ। ଢେଙ୍କାନାଳ ଷ୍ଟାଡିୟମ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ୩ ତାରିଖରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯିବ। ପୂର୍ବାହ୍ନ ୧୧ଟାରେ ଓଡ଼ିଶା ଏଫ୍‌ସି ଓ କେଙ୍କ୍ରେ ଏଫ୍‌ସି ମୁମ୍ବାଇ ମୁହାଁମୁହିଁ ହେବେ। ସେହିଦିନ ଅପରାହ୍ନ ୨ଟାରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ଓ ଗୋକୁଲମ୍ ଏଫ୍‌ସି କେରଳ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଖେଳାଯିବ। ଉଭୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତା ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ପ୍ରତିଯୋଗିତାର ଅନ୍ୟ ୨ କ୍ୱାର୍ଟର ଫାଇନାଲ ଓ ୨ ସେମିଫାଇନାଲ ମ୍ୟାଚ୍ ଅନୁଗୋଳ କଦମ ପଡ଼ିଆରେ ଖେଳାଯିବ। ତାଳଚେର ସାଉଥ୍ ବଲଣ୍ଡା ବ୍ଲାକ ଡାଇମଣ୍ଡ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ସେହିପରି ୧୬ ତାରିଖରୁ ଆରମ୍ଭ ହେଉଥିବା ଟୁର୍ନାମେଣ୍ଟରେ କୋଲକାତାର ଆର୍ଯ୍ୟାନ କ୍ଲବ, ବିହାରର ୟୁନାଇଟେଡ୍ କ୍ଲବ, ଜାମସେଦପୁରର ଆରଏମ୍‌ସି, ଗୋଆର ମର୍ନିଂ କ୍ଲବ, ତେଲଙ୍ଗାନାର ହାଇଦ୍ରାବାଦ ଆର୍ଟିଲେରି ଏବଂ ଦକ୍ଷିଣପୂର୍ବ ରେଲୱେ କୋଲକାତା ଭାଗନେବେ। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ୭ ଲକ୍ଷ ଟଙ୍କା ଏବଂ ଖେଳ ପରିଚାଳନା ପାଇଁ ଅତିରିକ୍ତ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅପରପକ୍ଷେ ଦୁଇଟି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ନେଇ ଢେଙ୍କାନାଳ ଷ୍ଟାଡିୟମ ସଜେଇ ହେଉଛି। ସବୁଜିମାଭରା ଘାସପଡ଼ିଆ ଖେଳାଳିଙ୍କ ଅପେକ୍ଷାରେ ରହିଥିବାବେଳେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।



ଷ୍ଟାଡିୟମ୍‌ରେ ପଡ଼ିଆ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି।

### ନୂତନ ଆଶା ସଞ୍ଚାର

ଅଶୀ ଦଶକରେ ଢେଙ୍କାନାଳରେ ଫୁଟବଲ୍‌କୁ ନେଇ ରହିଥିଲା ସ୍ୱତନ୍ତ୍ର କ୍ରେଜ୍। ଢେଙ୍କାନାଳ ପୋଲିସ ଏବଂ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ କ୍ରୀଡ଼ାବିତ୍ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ଛାଡ଼ିଥିଲେ ଛାପ। ଏପରି କି ବହୁ ପ୍ରତିଭାବାନ ଖେଳାଳି ରାଜ୍ୟ ପୋଲିସ ଦଳରେ ନିୟମିତ ସ୍ଥାନ ମଧ୍ୟ ପାଉଥିଲେ। ଏହାକୁ ବାଦ୍‌ଦେଲେ ଆନ୍ତଃ କ୍ଲବ ପ୍ରତିଯୋଗିତାରେ ମଧ୍ୟ ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଇତିମଧ୍ୟରେ ବୟସାଧିକ୍ୟ କାରଣରୁ ଅନେକ କ୍ରୀଡ଼ାବିତ୍ ଅବସର ନେଇସାରିଲେଣି। ଚାକିରି ସରିବା ପରେ ବହୁ ଖେଳାଳି ନିଜକୁ ଫୁଟ୍‌ବଲଠାରୁ ଦୂରେଇ ଦେଇଛନ୍ତି। ଶିଳ୍ପବହୁଳ ଜିଲାରେ ଏହି କ୍ରୀଡ଼ାକୁ ଯେତିକି ପ୍ରୋତ୍ସାହନ ମିଳିବା କଥା ତାହା ମିଳୁନାହିଁ। ଢେଙ୍କାନାଳ ଷ୍ଟାଡିୟମରେ ଦୀର୍ଘବର୍ଷ ତଳେ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ମାତ୍ର ଗୋଟିଏ ମ୍ୟାଚ୍ ଆୟୋଜନ ହୋଇଥିବାବେଳେ ପ୍ରୋତ୍ସାହନ ଏବଂ ଇଚ୍ଛାଶକ୍ତିର ଅଭାବ ଏଭଳି ଲୋକପ୍ରିୟ କ୍ରୀଡ଼ା ବିକାଶରେ ପ୍ରତିବନ୍ଧକ ସାଜିଛି। ତେବେ ନିକଟରେ ହେବାକୁ ଥିବା ଦୁଇଟି ଜାତୀୟ ପ୍ରତିଯୋଗିତା ଏ ଦିଗରେ ନୂଆ ଆଶା ସଞ୍ଚାର କରିଥିବାବେଳେ ଫୁଟବଲର ଗୌରବମୟ ଦିନ ଫେରିବ ବୋଲି କ୍ରୀଡ଼ାବିତ୍‌ମାନେ କହିଛନ୍ତି।

### କ୍ରୀଡ଼ାବିତ୍‌ମାନେ ଅଭିଜ୍ଞତା ହାସଲ କରିବେ



ଢେଙ୍କାନାଳରେ ଅନୁଷ୍ଠିତ ହେବାକୁ ଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ଜାତୀୟସ୍ତରୀୟ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା। ଆଞ୍ଚଳିକ କ୍ରୀଡ଼ାବିତ୍‌ମାନେ ବହୁ ଅଭିଜ୍ଞତା ହାସଲ କରିବେ ଏବଂ ଭଲ ଫୁଟବଲ ଖେଳାଳି ହେବା ଲାଗି ପ୍ରସ୍ତୁତି କରିପାରିବେ।

ରାମକୃଷ୍ଣ ବେହେରା, ପୂର୍ବତନ ଫୁଟ୍‌ବଲ ଖେଳାଳି

### ୨ଟି ଜାତୀୟ ପ୍ରତିଯୋଗିତା ହେବା ଖୁସିର କଥା



ଦୀର୍ଘବର୍ଷ ପରେ ଢେଙ୍କାନାଳରେ ୨ଟି ଜାତୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବା ଖୁସିର ବିଷୟ। ମୁମ୍ବାଇ, ଗୋଆ, ଓଡ଼ିଶା ଦଳର ପ୍ରତିଭାବାନ ଖେଳାଳିଙ୍କ ଦକ୍ଷତା ଦେଖିବାକୁ ମିଳିବ।

- ଅମିୟ ଚାନ୍ଦ, ବରିଷ୍ଠ କ୍ରୀଡ଼ା ଘୋଷକ

### ଖେଳାଳି, ସଙ୍ଗଠକମାନେ ଉତ୍ସାହିତ



ଜାତୀୟସ୍ତରୀୟ ଟୁର୍ନାମେଣ୍ଟକୁ ନେଇ ଖେଳାଳି ଏବଂ ସଙ୍ଗଠକ ଉତ୍ସାହିତ ଅଛନ୍ତି। ଢେଙ୍କାନାଳ, ଅନୁଗୋଳ, ତାଳଚେରରେ ଅନୁଷ୍ଠିତ ବାଜି ରାଉତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ୮ ଦଳ ଭାଗନେବେ। ସେହିପରି ରାଜ୍ୟ ସରକାରଙ୍କ ସହଯୋଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା ସମେତ ୬ ଦଳ ଅଂଶଗ୍ରହଣ କରିବେ।

- ନଳିନୀ କୁମାର ଦାସ, ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ

# ଟାଟା ଷ୍ଟିଲ୍‌ର ସାଇବର ସୁରକ୍ଷା ସଚେତନତା

ଢେଙ୍କାନାଳ ଅଫିସ, ୧।୧୧

ଢେଙ୍କାନାଳ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଅନୁଗୋଳ ପୋଲିସ ସହଭାଗିତାରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକ ଆପଣାଉଥିବା ଅପରାଧର ବିଭିନ୍ନ କୌଶଳ, ସାମାଜିକ ଗଣମାଧ୍ୟମରେ ଠକାମି, ଅନ୍‌ଲାଇନ ଟ୍ରାଞ୍ଜାକ୍ସନ ଠକାମିରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁରକ୍ଷା ଅଧିକାରୀ ଓ ଭେଣ୍ଡର ସହଯୋଗୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୦ଜଣ ଅଂଶଗ୍ରହଣ କରିଥିଲେ। ବଅଁରପାଳ ଥାନାଧିକାରୀ ନରେଶ ସାହୁ, ଅନୁଗୋଳ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଶାଖା ଇନ୍ସପେକ୍ଟର ମାନସ କୁମାର, ତାଙ୍କ ଟିମ୍‌ର ସୌରଭ ସାସ୍ମଲ, ସାଗର ସାହୁ, ଅଶ୍ୱିନୀକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ପାନୀ ସୁରକ୍ଷା ବିଭାଗ ବରିଷ୍ଠ ପ୍ରବନ୍ଧକ ମୁକେଶ କଠାୟତ, ସୁରକ୍ଷା ଓ ପ୍ରଶାସନିକ ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଟାଟାଷ୍ଟିଲ୍ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀ, ପୋଲିସ ଅଧିକାରୀଙ୍କ ସମେତ ଅନ୍ୟମାନେ।

# ମେଡିକାଲରେ ମାଲିକ: ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

କାମାକ୍ଷାନଗର, ୧।୧୧(ଡି.ଏନ୍.ଏ.)

ଶାରୀରିକ ଅସୁସ୍ଥତା କାରଣରୁ ୧୦ଦିନ ହେଲା ଘର ମାଲିକ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ଏହାର ସୁଯୋଗରେ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବୁଢ଼ୀପଦଉନି ସାହିରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ପାଖ ପଡ଼ୋଶୀଙ୍କ ନିକଟରୁ ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ଧରାପଡ଼ିନାହାନ୍ତି।

ଚୋରି, ରାହାଜାନି, ଗୁଳିମାଡ଼ ଭଳି ଘଟଣାକୁ ନେଇ ଅଶାନ୍ତ ହୋଇଉଠିଛି କାମାକ୍ଷାନଗର ଥାନା ଅଞ୍ଚଳ। ଗତ କିଛିଦିନ ହେଲା ଏକ ଡକାୟତି ଗ୍ୟାଙ୍ଗ ନିଦ ହଜାଇ ଦେଇଛି। ସୋମବାର ବିଳମ୍ବିତ ରାତିରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ବୁଢ଼ୀପଦଉନି ସାହିର ବିକାଶ କୁମାର ସରକାରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି ଦୁର୍ବୃତ୍ତ, ଯାହା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିକାଶଙ୍କ ଦେହ ଅସୁସ୍ଥ ଥିବାରୁ ସେ ୧୦ ଦିନ ହେଲା ଭୁବନେଶ୍ୱରର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହାର ସୁଯୋଗରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିଥିଲେ। ଆଟାଚି, ଟ୍ରଙ୍କ୍ ଭାଙ୍ଗି ସେଥିରେ ଥିବା ଦୁଇଟି ସୁନା ଖଡୁ, ଗୋଟିଏ ସୁନା ଚେନ୍, ଦୁଇଟି ସୁନା ମୁଦି ସମେତ ନଗଦ ୧୦,୦୦୦ ଟଙ୍କା ଲୁଟି ନେଇଛନ୍ତି। କବାଟ ତାଲା ଭଙ୍ଗାଯାଇଥିବା ଦେଖି ପାଖପଡ଼ୋଶୀ ଯାଞ୍ଚ କରିବା ପରେ ଘଟଣା ଜଣାପଡ଼ିଥିଲା। ଏହାପରେ ସେମାନେ ଘର ମାଲିକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।



# ଦାବି ପୂରଣ ନ ହେଲେ ତୀବ୍ର ଆନ୍ଦୋଳନ

ଢେଙ୍କାନାଳ ଅଫିସ, ୧।୧୧

**ଡ୍ରାଇଭର ମହାସଂଘର ଚେତାବନୀ**

ମା' ସମଲେଇଙ୍କ ପୀଠରୁ ଦଣ୍ଡବତ ଯାତ୍ରା ଆରମ୍ଭ କରିଥିବା ଓଡ଼ିଶା ଡ୍ରାଇଭର ମହାସଂଘର କାର୍ଯ୍ୟକର୍ତ୍ତା ମଙ୍ଗଳବାର ଢେଙ୍କାନାଳରେ ପହଞ୍ଚିଛନ୍ତି। ପୂର୍ବାହ୍ନରେ ଷ୍ଟେଶନ ବଜାର ରାମଜୀ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି ୯ ଦଫା ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ସରକାର ଏହାକୁ ପୂରଣ ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଭାପତି କହିଲେ, ରାଜ୍ୟ ସରକାରଙ୍କ ରାଜକୋଷ ଖାଲି କରିବା ଭଳି କୌଣସି ଦାବି ଡ୍ରାଇଭର ମହାସଂଘ କରିନାହିଁ। ଡ୍ରାଇଭରଙ୍କୁ ବୀମାଭୁକ୍ତ କରିବା, ପାର୍କିଂ ବ୍ୟବସ୍ଥା, ବିଶ୍ରାମାଗାର ଓ ଶୌଚାଳୟ ସୁବିଧା କରିବାକୁ ଦାବି କରାଯାଇଥିଲା। ସରକାର ଏଥିଲାଗି ୩ ମାସ ସମୟ ନେଇଥିଲେ। ଏବେ ବର୍ଷେ ବିତିବା ପରେ ବି ଆମ କଥା ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ଦଣ୍ଡବତ ଯାତ୍ରା ଆରମ୍ଭ ହୋଇଛି। ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ିଲେ ସମସ୍ତେ ହଇରାଣ ହେବେ। ଆମେ କାହାକୁ ହଇରାଣ କରିବାକୁ ଚାହୁଁନାହୁଁ ବୋଲି ସଭାପତି କହିଛନ୍ତି। ଉପସଭାପତି ସୁମନ ଆଲଟିଆ, ସମ୍ପାଦକ ଚୈତନ୍ୟ ପ୍ରଧାନ, ସହ ସମ୍ପାଦକ ଘନଶ୍ୟାମ ବେହେରା, ମାନସ ଦେବତା, କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ପ୍ରମୁଖ ବହୁ ସଂଖ୍ୟାରେ ଡ୍ରାଇଭର ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।



ଡ୍ରାଇଭର ମହାସଂଘ ପକ୍ଷରୁ ଦଣ୍ଡବତ ଯାତ୍ରା।

# ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କର

- ସମୀକ୍ଷା କଲେ ଆର୍‌ଡିସି
- ଖୁବ୍‌ଶୀଘ୍ର ଅଧିକ ଡାକ୍ତର ନିଯୁକ୍ତି
- ପଞ୍ଚାୟତସ୍ତରରେ ସ୍ୱାସ୍ଥ୍ୟ ଶିବିର

ଢେଙ୍କାନାଳ ଅଫିସ, ୧।୧୧

ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ମଙ୍ଗଳବାର ଢେଙ୍କାନାଳ ପରିଦର୍ଶନରେ ଆସି ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ, ବରିଷ୍ଠ ଅଧିକାରୀମାନେ ସରକାରୀ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା, କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ, ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇପାରିଲେ ସେମାନେ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବେ। ଏଥିସହ ପଞ୍ଚାୟତସ୍ତରରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ରୋଗ ନିରୂପଣ କରିବାକୁ ସେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲାବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଖୁବ୍‌ଶୀଘ୍ର ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ ବୋଲି ଆର୍‌ଡିସି ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲାରେ 'ଇଚ୍ ୱାନ ଟିଚ୍ ୱାନ୍'କୁ ସଫଳତା ମିଳିଛି। ଏହାକୁ ଆର୍‌ଡିସି ପ୍ରଶଂସା କରିଛନ୍ତି। ଆଗାମୀ ମାଟ୍ରିକ ପରୀକ୍ଷାରେ ଯେପରି ୨୫୦ରୁ ଅଧିକ ଛାତ୍ରୀଛାତ୍ର 'ଏ-ଗ୍ରେଡ୍'ରେ ପାସ୍ କରିବେ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆଲୋଚନାରେ ଭାଗନେଇ ଜିଲାପାଳ ସରୋଜ କୁମାର ସେଠୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଗ୍ରାମାଞ୍ଚଳବାସୀଙ୍କ ଆୟବୃଦ୍ଧି ଉପରେ ଗୁରୁତ୍ୱ ଦେବା, ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଶେଷ କରିବା, ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଡିଓଙ୍କୁ କହିଛନ୍ତି।

କ୍ୟାମ୍ପକୋର୍ଟ କରି ଜମି ଚିହ୍ନଟ, ବସୁନ୍ଧରା ଯୋଜନାରେ ବାସହୀନଙ୍କୁ ଜମି ଦେବା, ଆବେଦନ ଅନୁଯାୟୀ ହିତାଧିକାରୀଙ୍କୁ ତୁରନ୍ତ ପ୍ରମାଣପତ୍ର ପ୍ରଦାନ, ବାଲ୍ୟ ବିବାହ ରୋକିବା ପାଇଁ କନ୍ୟାଙ୍କ ବୟସ ପ୍ରମାଣପତ୍ର ଯାଞ୍ଚ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱନ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆର୍‌ଡିସି, ଜିଲାପାଳଙ୍କ ସମେତ ଅନ୍ୟମାନେ।

## ଘର ଆଗରୁ ନେଇଗଲେ ଗାଡ଼ି

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ବିକ୍ରମପୁର ଥାନା କର୍ଣ୍ଣପୁର ଅଞ୍ଚଳର ଦାଣ୍ଡମାଳ ସିପୁ ବେହେରାଙ୍କ ଗାଡ଼ି ଚୋରି ହୋଇଛି। ସିପୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସିପୁ ତାଙ୍କ ଗାଡ଼ି (ନଂ. ଓଡ଼ି ୧୯ ବି ୩୮୧୮)କୁ ଘର ସମ୍ମୁଖରେ ରଖିଥିଲେ। ଡିକିରେ ତାଙ୍କର ବ୍ୟାଙ୍କ ପାସବୁକ୍ ସହ ୫ ହଜାର ଟଙ୍କା ଥିଲା। ତେବେ କେହି ଦୁର୍ବୃତ୍ତ ଘର ସମ୍ମୁଖରୁ ଗାଡ଼ି ଚୋରି କରି ନେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ସଂକ୍ଷେପରେ

## ଚାନ୍ଦା ଆଦାୟ ଅଭିଯୋଗ, ୫ ଗିରଫ

ଅନୁଗୋଳ ଅଫିସ,୧।୧୧-କାର୍ତ୍ତିକେଶ୍ୱର ପୂଜା ପାଇଁ ଜବରଦସ୍ତ ଚାନ୍ଦା ଆଦାୟ କରିବା ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜରାସିଂହା ଗ୍ରାମର ବିଘ୍ନେଶ ବେହେରା (୧୯), ରାକେଶ ନାଏକ (୧୯), ଅନିଲ ନାଏକ (୩୦), ତରୁଣ ନାଏକ (୩୪) ଏବଂ ଦୀପକ ବେହେରା (୨୪)। ସେମାନଙ୍କ ନିକଟରୁ ଖଣ୍ଡା, ଭୁଜାଲି, ରସିଦ୍‌ବହି ଏବଂ ୧,୬୦୦ ଟଙ୍କା ଜବତ ହୋଇଛି। ସଦର ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କାଙ୍କ ଅଭିଯୋଗକ୍ରମେ ନଂ. ୮୬୬/୨୨ରେ ମାମଲା ରୁଜୁ କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଏସ୍‌ଆଇ ଲେଙ୍କା ପାଟ୍ରୋଲିଂ କରୁଥିବାବେଳେ କେତେଜଣ ଯୁବକ ମାରଣାସ୍ତ୍ର ଧରି ଜିନ୍ଦଲ ରାସ୍ତାରେ ଟ୍ରକ୍ ଅଟକାଇ ଚାନ୍ଦା ଆଦାୟ କରୁଥିବା ସୂଚନା ପାଇଥିଲେ। ଏହାପରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

## ଯୁବତୀଙ୍କଠାରୁ ଝାମ୍ପିନେଲେ ସୁନାଚେନ୍

ଅନୁଗୋଳ ଅଫିସ, ୧।୧୧-ଅନୁଗୋଳ ଜିଲା ତାଳଚେର ଥାନା ବାଘୁଆବୋଲ ଛକ ଶିବମନ୍ଦିର ନିକଟରୁ ଜଣେ ଯୁବତୀଙ୍କଠାରୁ ଦୁର୍ବୃତ୍ତମାନେ ସୁନାଚେନ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଯୁବତୀ ଚନ୍ଦ୍ରିକା ମିଞ୍ଜଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୨୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚନ୍ଦ୍ରିକା ମଙ୍ଗଳବାର ଭୋର ସମୟରେ ରାସ୍ତାପାର୍ଶ୍ୱର ଫୁଲ ତୋଳୁଥିଲେ। ଏହି ସମୟରେ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ସୁନା ଚେନ୍ ଝାମ୍ପି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ୨ ଶିକାରୀ ଗିରଫ, ବନ୍ଧୁକ ଜବତ

ଅନୁଗୋଳ ଅଫିସ, ୧।୧୧-ଅନୁଗୋଳ ବନଖଣ୍ଡ ଜରପଡ଼ା ରେଞ୍ଜ୍ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର କରିବା ଅଭିଯୋଗରେ ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜରପଡ଼ା ଥାନା ଉଗି ଗ୍ରାମର ମନୋଜ ପ୍ରଧାନ (୩୦) ଏବଂ ପରା ଗ୍ରାମର ପ୍ରାଣବନ୍ଧୁ ସାହୁ (୫୨)। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୬ ଗୁଳି ଜବତ କରାଯାଇଛି। ଏ ନେଇ ଅନ୍ତୁଲିଆ ସେକ୍ସନ ଫରେଷ୍ଟର ସରୋଜ କୁମାର ସିଂ ପୁରୁଣାକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୩୨/୨୨ରେ ମାମଲା ରୁଜୁ କରିଛି। ଗତ ୨୮ ତାରିଖରେ ଅନ୍ତୁଲିଆ ନିକଟ ଜଙ୍ଗଲରେ ମନୋଜ ଏବଂ ପ୍ରାଣବନ୍ଧୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ସୂଚନା ପାଇ ବନ କର୍ମଚାରୀ ଯାଞ୍ଚ କରିଥିଲେ। ଶିକାର କରିବା ପାଇଁ ଆସିଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ ଗିରଫ କରାଯାଇଛି।

## ହାଟରୁ ବାଇକ୍ ଚୋରି

ଅନୁଗୋଳ ଅଫିସ, ୧।୧୧-ଅନୁଗୋଳ ଜିଲା ତାଳଚେର ଥାନା ଜଗନ୍ନାଥପୁର ଅଞ୍ଚଳର ମହମ୍ମଦ ୟୁନିସ୍‌ଙ୍କ ଗାଡ଼ି ଥର୍ମାଲ ହାଟରୁ ମଙ୍ଗଳବାର ଚୋରି ହୋଇଛି। ଏ ନେଇ ମହମ୍ମଦଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୮୨୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମହମ୍ମଦ ପରିବା କିଣିବା ପାଇଁ ବାଇକ୍ ଯୋଗେ ଥର୍ମାଲ ହାଟକୁ ଯାଇଥିଲେ। ସେଠାରେ ଥିବା ପାର୍କିଂରେ ବାଇକ୍ ରଖିଥିଲେ। ପରିବା କିଣି ସାରିବା ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଶେଷରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# କଟରଙ୍ଗ ବିସ୍ଥାପିତଙ୍କ ଆମରଣ ଅନଶନ

**ଅନୁଗୋଳ ଅଫିସ, ୧।୧୧**


କଟରଙ୍ଗ ଗ୍ରାମବାସୀ ସାତକୋଶିଆ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରୁଛନ୍ତି।

- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ନିର୍ଭର ପ୍ରତିଶ୍ରୁତି ଦେଲେ ଡିଏଫ୍‌ଓ, ତହସିଲଦାର
- ଦାବି ପୂରଣ ନ ହେଲେ ଡିସେମ୍ବର ୬ରେ ଆନ୍ଦୋଳନ ନିଷ୍ପତ୍ତି

ବିସ୍ଥାପନ ପ୍ୟାକେଜରୁ ବଞ୍ଚିତ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର କଟରଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ଥିବା ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ର ରୂପ ନେଇଛି। ଏହାର ପ୍ରତିବାଦରେ ୨୯ ବିସ୍ଥାପିତ ପରିବାର ସାତକୋଶିଆ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଆମରଣ ଅନଶନରେ ବସିଥିଲେ। ଡିଏଫ୍‌ଓ, ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ହସ୍ତକ୍ଷେପ ଏବଂ ନିର୍ଭର ପ୍ରତିଶ୍ରୁତି ପରେ ସେମାନେ ଅନଶନ ଭାଙ୍ଗିଛନ୍ତି। ତେବେ ଦାବି ପୂରଣ ନ ହେଲେ ଡିସେମ୍ବର ୬ରେ ପୁନର୍ବାର ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସାତକୋଶିଆ ଅଭୟାରଣ୍ୟରୁ ବିସ୍ଥାପନ ହେବାର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କଟରଙ୍ଗ ଗ୍ରାମବାସୀ ବିସ୍ଥାପନ ପ୍ରକ୍ରିୟାରେ ପ୍ୟାକେଜ୍ ତାଲିକାଭୁକ୍ତ ହୋଇନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାର ସମାଧାନ ହେଉ ନ ଥିବାରୁ ସମ୍ପୃକ୍ତ ୨୯ ପରିବାର ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପୂର୍ବରୁ ସେମାନେ ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରି ଏକ ଶୋଭାଯାତ୍ରାରେ ସାତକୋଶିଆ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ଟିକରପଡ଼ା ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଅନଶନରେ ବସିଥିଲେ।

ଅଭିଯୋଗ ଅନୁଯାୟୀ, କ୍ଷତିଗ୍ରସ୍ତ ଗ୍ରାମବାସୀ କଟରଙ୍ଗ ଗ୍ରାମର ମୂଳ ବାସିନ୍ଦା। ସେମାନେ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥାଆନ୍ତି। ତେବେ ଅଭୟାରଣ୍ୟରୁ ଗ୍ରାମ ବିସ୍ଥାପନ ନେଇ ସରକାରୀସ୍ତରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନ ଥିବାରୁ ୨୯ ପରିବାର ପ୍ୟାକେଜ୍ ତାଲିକାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସେମାନେ ଅଗଷ୍ଟ ୯ ଆନ୍ଦୋଳନ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଅନୁଗୋଳ ଉପଜିଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସମନ୍ୱୟ ସଭାରେ ଯୁଗ୍ମ କମିଟି ଦ୍ୱାରା ପୁନର୍ବାର ସର୍ଭେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଯୁଗ୍ମ କମିଟି ଗାଁକୁ ଯାଇ କାଗଜପତ୍ର ଯାଞ୍ଚ କରିଥିଲା। ତେବେ ଏଥିପୂର୍ବରୁ ବନବିଭାଗ ଦ୍ୱାରା ଗ୍ରାମର ସମସ୍ତ ଘର ଭାଙ୍ଗି ଦିଆଯାଇଥିଲା। ବନ ବିଭାଗର ଏଭଳି କାର୍ଯ୍ୟରେ ଅସନ୍ତୁଷ୍ଟ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ, ଡିଏଫ୍‌ଓ ଏବଂ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ତଥାପି ଜମିବାଡ଼ି ବାବଦ କ୍ଷତିପୂରଣ ଏବଂ ପ୍ୟାକେଜ୍ ମିଳି ନ ଥିଲା। ଏହାର ପ୍ରତିବାଦରେ ସେମାନେ ମଙ୍ଗଳବାର ଆମରଣ ଅନଶନ କରିଥିଲେ। ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ସାତକୋଶିଆ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ଏବଂ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂ ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ଏହି ଅବସରରେ ୨୦ ଦଫା ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦାବି ସମ୍ପର୍କରେ ପ୍ରଶାସନ ଅବଗତ ଅଛି ଏବଂ କମିଟି ମାଧ୍ୟମରେ ଏହାର ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରଶାସନିକ ଅଧିକାରୀଙ୍କଠାରୁ ପାଣିପିଇ ବିସ୍ଥାପିତ ପରିବାର ଅନଶନ ଭଙ୍ଗ କରିଥିଲେ।

ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁଙ୍କ ନେତୃତ୍ୱରେ ରୀତା ପ୍ରଧାନ, ସୁକାନ୍ତି ଦାସ, ମୋହନ ନାଏକ, ନାରଣ ଦାସ, ବରୁଣ ଦାସ, ବିରଞ୍ଚି ବେହେରା, ଅଞ୍ଜନା ନାଏକ, ଅଞ୍ଜଳି ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲା। ଆଇନଜୀବୀ ପ୍ରସନ୍ନ କୁମାର ବେହେରା ସହଯୋଗ କରିଥିଲେ।

## ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ମହିଳା

**ବଇଣ୍ଡା, ୧।୧୧(ଡି.ଏନ୍.ଏ.)**

ବାରହା ଶିକାର ପାଇଁ ଶିକାରୀ ବିଛାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମରେ ମଙ୍ଗଳବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଅଭିଯୁକ୍ତ ଧରଣୀ ଦେହୁରୀଙ୍କୁ ବନ ବିଭାଗ ଗିରଫ କରିଛି। ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।



ଗୁରୁତର ବୈଶାଖୀ ନାୟକ (୫୦) ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବନ ବିଭାଗର ସୂଚନା ଅନୁଯାୟୀ, ଧରଣୀ ଏବଂ ସେମାନଙ୍କ ୩ ସହଯୋଗୀ ବାରହା ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ ପକାଇ ବିଲରେ ବିଛାଇଥିଲେ। ମଙ୍ଗଳବାର ଭୋର ସମୟରେ ବୈଶାଖୀ ଶୌଚ ହେବା ପାଇଁ ଯାଉଥିବାବେଳେ ଉକ୍ତ ତାରରେ ଛନ୍ଦି ହୋଇଯାଇଥିଲେ। ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହଣ୍ଡପା ଫରେଷ୍ଟର ସୁବ୍ରତ ଶତପଥୀ ପହଞ୍ଚି ବିଦ୍ୟୁତ୍ ତାର ଜବତ କରିବା ସହ ଅଭିଯୁକ୍ତ ଧରଣୀଙ୍କୁ ଗିରଫ କରିଛନ୍ତି।

# ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

**ଛେଣ୍ଡିପଦା,୧।୧୧(ସ୍ୱ.ପ୍ର.)**


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଛେଣ୍ଡିପଦା ବ୍ଲକ ତୁକୁଡା ଉଚ୍ଚବିଦ୍ୟାଳୟ ନିକଟରେ ଅନୁଗୋଳ ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମଙ୍ଗଳବାର ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ରଣଜିତ୍ ଦାଶଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ଭାନୁପ୍ରିୟା ପ୍ରଧାନ, ପ୍ରଦୀପ ସାହୁ, ସରପଞ୍ଚ ପ୍ରଶାନ୍ତ ସାହୁ, ସମିତି ସଭ୍ୟ ବିନୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋ-ପୂଜନ ପରେ ଗୋପାଳନର ଉପକାରିତା ଏବଂ ଏଥିଲାଗି ରହିଥିବା ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅନୁଗୋଳ ପଞ୍ଚମହଲାର କାର୍ତ୍ତିକ ସାହୁ, ବଣ୍ଟଁରପାଳ ବ୍ଲକର ଉତ୍ତମ କୁମାର ସାହୁ, ତାଳଚେର ବ୍ଲକର ଅରୁଣ ଧର, ଆଠମଲ୍ଲିକ ବ୍ଲକର ରୋହିତ ନାୟକ, କିଶୋରନଗର ବ୍ଲକର ଦିଲୀପ ପ୍ରଧାନ, ତୁକୁଡାର ଶିବରାମ ସାହୁ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଜିଲା ପ୍ରାଣୀଧନ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. କେଶବ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରତାପ ପଟ୍ଟନାୟକ, କଣିହାଁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାଜେଶ କୁମାର କବି, ଡା . ମିଳନ ରାଉତ, ଡା. କମଳ ଲୋଚନ ଦାସ, ଡା. ଦେବାଶିଷ ରାଉତ, ଡା. ଦେବାଶିଷ ପଣ୍ଡାଙ୍କ ସମେତ ବ୍ଲକ ଓ ଉପଖଣ୍ଡରୁ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ମଦ ଜବତ, ଜଣେ ଗିରଫ

**ବଇଣ୍ଡା, ୧।୧୧(ଡି.ଏନ.ଏ.)**

ବଇଣ୍ଡା ଅବକାରୀ ବିଭାଗ ମଙ୍ଗଳବାର ରାତିରେ ନାକିଚି ଅଞ୍ଚଳରେ ଚଢ଼ାଉ କରି ବୁଡୁଲିମୁଣ୍ଡା ଗ୍ରାମର ଦୁଷ୍ମନ୍ତ ବେହେରାଙ୍କଠାରୁ ୭୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ତାଙ୍କୁ ଗିରଫ କରାଯାଇଛି। ସେ ବାଇକ୍ ଯୋଗେ ବଇଣ୍ଡା ଅଞ୍ଚଳକୁ ଚୋରାମଦ ଚାଲାଣ କରୁଥିବାବେଳେ ଅବକାରୀ ଟିମ ଚଢ଼ାଉ କରି ଧରିଥିଲା।

## ମିମ୍‌ସାର ପାଇଁ ମନିଟରିଂ କମିଟି

### ମେଡିକାଲ କଲେଜ କାର୍ଯ୍ୟକ୍ଷମ ପ୍ରକ୍ରିୟା ତ୍ୱରାନ୍ୱିତ

**ତାଳଚେର, ୧।୧୧(ନି.ପ୍ର.)**

ତାଳଚେରରେ ବହୁ ପ୍ରତୀକ୍ଷିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ମିମ୍‌ସାର) କାର୍ଯ୍ୟକ୍ଷମ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୩୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଏବଂ ମେଡିକାଲ କଲେଜ ପାଇଁ ମନିଟରିଂ କମିଟି ଗଠନ କରାଯାଇଛି। ଉକ୍ତ କମିଟି ମେଡିକାଲର ଆବଶ୍ୟକ ଭିତ୍ତିଭୂମି ପରଖିବ। ଉପକରଣର ମୂଲ୍ୟାୟନ କରିବା ସହିତ ସେସବୁର ତଦାରଖ ମଧ୍ୟ କରିବ। ଜିଲାପାଳ ଏହାର ଅଧ୍ୟକ୍ଷ ରହିବେ। ସଦସ୍ୟ ଭାବେ ଡିଏମ୍‌ଇଟି ଓଡ଼ିଶା, ଡିଏଚ୍‌ଏସ୍ ଓଡ଼ିଶା, ରିପ୍ରେଜେଣ୍ଟେଟିଭ ଅଫ୍ ଏମ୍‌ଡି, ଓଏସ୍‌ଏମ୍‌ସିଏଲ୍, ଏମ୍‌ସିଏଲ୍ ସିଏମଡିଙ୍କ ଦ୍ୱାରା ମନୋନୀତ ନୋଡାଲ ଅଫିସର, ଅନୁଗୋଳ ସିଡିଏମ୍ ଏବଂ ପିଏଚଓ ରହିବେ। ସେହିପରି ଆଡିସନାଲ ଡିଏମଇଟି ଓଡ଼ିଶା କନ୍‌ଭେନର ମେମ୍ବର ରହିବେ।

ପ୍ରାରମ୍ଭିକ ଭାବେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ନିମନ୍ତେ ଭିତ୍ତିଭୂମି, ଯନ୍ତ୍ରପାତି ଉପଲବ୍ଧତାକୁ ଆକଳନ କରିବା, ସମନ୍ୱୟ ରକ୍ଷା କରିବା ଦିଗରେ ଉକ୍ତ କମିଟି କାର୍ଯ୍ୟ କରିବ। ସେହିପରି ଭିତ୍ତିଭୂମି, ଯନ୍ତ୍ରପାତି ଓ ମାନବ ସମ୍ବଳ ଉପଲବ୍ଧତାକୁ ଆକଳନ କରି ଏମ୍‌ସିଏଲ୍ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ସୁପାରିସ କରିବ। ଉଭୟ ହସ୍ପିଟାଲ ଏବଂ ମେଡିକାଲ କଲେଜର ଅଗ୍ରଗତି ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର କାର୍ଯ୍ୟକ୍ଷମ ସୁନିଶ୍ଚିତ କରିବାକୁ ଏହି କମିଟି ନିୟମିତ ସମୀକ୍ଷା କରିବ ବୋଲି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ଠକେଇ ଅଭିଯୋଗ

**ଅନୁଗୋଳ ଅଫିସ, ୧।୧୧**

ଜମି କିଣାବିକାକୁ ନେଇ ଅନୁଗୋଳ ଥାନାରେ ଏକ ଠକେଇ ଅଭିଯୋଗ ହୋଇଛି। ଟଙ୍କା ପ୍ରଦାନ ସତ୍ତ୍ୱେ ଜମି ମାଲିକ ଜାଗା ନ ଦେବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି କ୍ଷୀରୋଦ କୁମାର ବେହେରା। ଏ ନେଇ ପୋଲିସ ୫୭୯/୨୨ରେ ମାମଲା ରୁଜୁ କରିବା ସହ ୪୨୦ ଦଫା ଲଗାଇଛି। ପୋଲିସ ସୂଚନା ଅନୁଯାୟୀ, ତୁରଙ୍ଗ ଅଞ୍ଚଳର କ୍ଷୀରୋଦ କାଣ୍ଡସର ଅଞ୍ଚଳର ଦୁର୍ଲ୍ଲଭଙ୍କୁ ୭.୯୧ ଏକର ଜମି ପାଇଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିଲେ। ସେ ବିଭିନ୍ନ ବ୍ୟାଙ୍କ୍ ଚେକ୍ ମାଧ୍ୟମରେ ପ୍ରଥମେ ୫ ଲକ୍ଷ ଏବଂ ପରେ ୪ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ୧ ଲକ୍ଷ ଏବଂ ନଗଦ ୧୫ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ପ୍ରଦାନ କରିବା ପରେ କ୍ଷୀରୋଦ ଉକ୍ତ ଜାଗାରେ ପ୍ଲଟିଂ ପାଇଁ ରାସ୍ତା ନିର୍ମାଣ କରିସାରିଥିଲେ। କିନ୍ତୁ ଶନିବାର ଦୁର୍ଲ୍ଲଭ ଅନ୍ୟଜଣଙ୍କୁ ଜାଗା ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଥିଲା। କ୍ଷୀରୋଦ ଟଙ୍କା ମାଗିଥିଲେ ହେଁ ସେ ଫେରାଇ ନ ଥିଲେ। ଏହାପରେ ସେ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ଓକିଲଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ କାର୍ଯ୍ୟବନ୍ଦ


ପାଲଲହଡ଼ା ଓକିଲ ସଂଘର ସଦସ୍ୟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

**ପାଲଲହଡ଼ା/ଆଠମଲ୍ଲିକ, ୧।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ତାଳଚେର କୋର୍ଟରେ କାର୍ଯ୍ୟରତ ଜଣେ ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଏବଂ ପୋଲିସର ମିଥ୍ୟା କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଛି ପାଲଲହଡା ବାର ଆସୋସିଏଶନ। ମଙ୍ଗଳବାର ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଥିଲା। ମିଥ୍ୟା ମାମଲା ପ୍ରତ୍ୟାହାର ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ମନୋରଞ୍ଜନ ପାଲ୍ ସୂଚନା ଦେଇଛନ୍ତି। ବରିଷ୍ଠ ଓକିଲ ପ୍ରଶାନ୍ତ ପ୍ରଧାନ, ମାନସ ରଞ୍ଜନ ଭଞ୍ଜ, ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅନୁରୂପ ଭାବେ ଆଠମଲ୍ଲିକ ଓକିଲ ସଂଘ ଓ କ୍ରିମିନାଲ ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଛି।

## ଦୁର୍ନୀତି ରୋକିବାକୁ ଶପଥ


ଜିଲାପାଳ ଅଧିକାରୀମାନଙ୍କୁ ଶପଥ ପାଠ କରାଉଛନ୍ତି।

**ଅନୁଗୋଳ ଅଫିସ, ୧।୧୧**

ଅନୁଗୋଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଉପ ଆରକ୍ଷୀ ଅଧୀକ୍ଷକ (ଭିଜିଲାନ୍ସ) ସୋମନାଥ ବାରିକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା . ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ଅନୁରୂପ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ବ୍ଲକ ଅଫିସ୍ ଘେରିଲା ଏସ୍‌ୟୁସିଆଇ

**ବଇଣ୍ଡା, ୧।୧୧(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ଅଞ୍ଚଳରେ ଲାଗି ରହିଥିବା ସମସ୍ୟାର ସମାଧାନ ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛି ଏସ୍‌ୟୁସିଆଇ। ଏହାର ପ୍ରତିବାଦରେ ମଙ୍ଗଳବାର ସଙ୍ଗଠନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

କମିଟିର ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ନେତୃତ୍ୱରେ ଶତାଧିକ ଚାଷୀ, ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ଶୋଭାଯାତ୍ରା ବର ପଡ଼ିଆଠାରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ହେଉନାହିଁ। ପ୍ରତିବାଦ ସତ୍ତ୍ୱେ ରାଜ୍ୟ ସରକାର ବିଦ୍ୟୁତ୍ ବିଭାଗର ଘରୋଇକରଣ କରିଛନ୍ତି। ବିଦ୍ୟୁତ୍ ଶୁଳ୍କ ଅହେତୁକ ବୃଦ୍ଧି ହୋଇଛି। ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନ ହେବା କାରଣରୁ ଅଞ୍ଚଳର ଚାଷର ବିକାଶ ହୋଇପାରୁନାହିଁ। ଏଭଳି ଅନେକ ସମସ୍ୟା ଲାଗିରହିଛି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ କେହି ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସମାଧାନ କରିବା ଦାବିରେ ୧୩ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।



ଶୋଭାଯାତ୍ରାରେ ଏସ୍‌ୟୁସିଆଇ ସଙ୍ଗଠନ କାର୍ଯ୍ୟକର୍ତ୍ତା ଏବଂ ଚାଷୀମାନେ।

# ଶ୍ରମିକ ବଦଳରେ ମେଶିନ

**ବଇଣ୍ଡା, ୧।୧୧(ଡି.ଏନ୍.ଏ.)**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବାସ୍ତବ ଚିତ୍ର
- ଜବ୍‌କାର୍ଡଧାରୀଙ୍କୁ ଅଣଦେଖା ଅଭିଯୋଗ

ଗ୍ରାମାଞ୍ଚଳର ଶ୍ରମଜୀବୀଙ୍କୁ କର୍ମ ନିଯୋଜନ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)। ସଡ଼କ, ଚାରାରୋପଣ, ପୋଖରୀ ଖନନ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲାଗି ଏହି ସ୍କିମ୍‌ରେ ଖର୍ଚ୍ଚ ହେଉଛି ବହୁ କୋଟି ଟଙ୍କା। ହେଲେ ଏହାର ପ୍ରକୃତ ଲାଭ ହିତାଧିକାରୀଙ୍କ ନିକଟରେ ପହଞ୍ଚୁନାହିଁ। କାରଣ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଶ୍ରମିକଙ୍କ ପରିବର୍ତ୍ତେ ମେଶିନ୍‌ରେ କରାଯାଉଛି କାମ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତରେ ଏଭଳି ବେଆଇନ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବନ୍ଧଗାଁ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।


ମେଶିନ ଦ୍ୱାରା କାମ କରାଯାଉଛି।

ଗାଁ ଲୋକଙ୍କ କହିବା କଥା, ଆମ୍ବସରମୁଣ୍ଡା ପଞ୍ଚାୟତର ବନ୍ଧଗାଁଠାରୁ ନିଶାଣିପଥର ଗ୍ରାମକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧ କିଲୋମିଟର ବିଶିଷ୍ଟ ମାଟି ସଡ଼କ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ତେବେ ଉକ୍ତ କାର୍ଯ୍ୟରେ ଶ୍ରମିକଙ୍କୁ ନିଯୋଜିତ କରିବା ବଦଳରେ ଖୋଲାଖୋଲି ଜେସିବି ମେଶିନ ଲଗାଇ କାମ କରାଯାଉଛି। ପଞ୍ଚାୟତରେ ୧,୨୩୪ ଜବ୍‌କାର୍ଡଧାରୀ ଥିବାବେଳେ ସେମାନଙ୍କୁ ଅଣଦେଖା କରାଯାଉଛି। ଅଞ୍ଚଳବାସୀ ଏହାର ପ୍ରତିବାଦ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଏଭଳି ଦୁର୍ନୀତିରେ ପଞ୍ଚାୟତର କେତେଜଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି। ଜିଲାପାଳ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିବା ସହ ଉକ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସମ୍ମୁଖକୁ ଆସିବ ବୋଲି ଅଞ୍ଚଳବାସୀ କହିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା କୁହନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ମେଶିନ ବ୍ୟବହାର କରାଯିବା ବେଆଇନ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

